# ଭାରତୀୟ ଜନତା ପାର୍ଟି, ଓଡିଶା

ତେଲ ଟାଙ୍କି ଆଗରେ ବିଜେଡି ପ୍ରତିବାଦ କରିବା ପ୍ରସଙ୍ଗରେ

## ତେଲ ଦର ବିରୋଧରେ ବିଜେଡିର ଆନ୍ଦୋଳନ ଓଡିଆଙ୍କ ସ୍ୱାର୍ଥରେ ନୁହେଁ ବରଂ କେବଳ ଲୋକ ଦେଖାଣିଆ : ବିଜେପି

- **ଶାସକ ବିଜେଡିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୟ ଘାରିଛି**
- **୪ ବର୍ଷ ମଧ୍ୟରେ ତେଲ ଟିକସ ରାଜସ୍ୱରେ ୧୩୯.୮୩ ପ୍ରତିଶତ ବୃଦ୍ଧି ହୋଇଛି**
- **ରାଜ୍ୟସରକାର ପେଟ୍ରୋଲ ଲିଟର ପିଛା ୧୫.୪୫ ଟଙ୍କା ଏବଂ ଡିଜେଲ ଲିଟର ପିଛା ୧୫.୩୩ ଟଙ୍କା ନିଜସ୍ୱ ଟିକସ ଆଦାୟ କରୁଛନ୍ତି**
- **ରାଜ୍ୟ ସରକାର ତୁରନ୍ତ ତେଲ ଉପରେ ତୁରନ୍ତ ଭାଟ କମ୍ କରନ୍ତୁ ଏବଂ ତୈଳଜାତ ଦ୍ରବ୍ୟକୁ ଜିଏସଟି ପରିସରଭୁକ୍ତ କରିବା ପାଇଁ ଜିଏସଟି କାଉନସିଲରେ ନେତୃତ୍ୱ ନିଅନ୍ତୁ**

**ଭୁବନେଶ୍ୱର, ତା ୦୭/୦୯ :** ପେଟ୍ରୋଲ ଦର ବୃଦ୍ଧିକୁ ନେଇ ଶାସକ ବିଜେଡି ତେଲ ଟାଙ୍କି ଆଗରେ ଧାରଣା ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସରକାରୀ ତଥ୍ୟକୁ ନନେଇ କେବଳ ମିଥ୍ୟା ତଥ୍ୟ ଲୋକମାନଙ୍କ ଆଗରେ ରଖି ଓଡିଶାବାସୀଙ୍କୁ ବିଭ୍ରାନ୍ତି କରି ଚାଲିଛନ୍ତି । ତେଲ ଦର ବିରୋଧରେ ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ ବରଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭୟ ଘାରିଥିବାରୁ ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ଶାସକ ବିଜେଡି ଏଭଳି ଡ୍ରାମା କରୁଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର କହିଛନ୍ତି ।

୨୦୧୪ ମସିହାରେ ତେଲ ଟିକସରୁ ରାଜ୍ୟ ସରକାର ୩୦୪୬ କୋଟି ଟଙ୍କା ଆଦାୟ କରୁଥିଲେ । ତାହା ଏବେ ବୃଦ୍ଧି ପାଇ ୬୯୩୦ କୋଟି ଟଙ୍କାରେ ପହଂଚିଛି । ରାଜ୍ୟ ସରକାର ତେଲରୁ କୋଟି କୋଟି ଟଙ୍କା ଟିକସ ଆଦାୟ କରୁଥିବାବେଳେ କେବଳ ଲୋକ ଦେଖାଣିଆ ଭାବେ ତେଲ ଟାଙ୍କି ଆଗରେ ପ୍ରତିବାଦ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ରାଜ୍ୟସରକାର ୨୦୧୪ ମସିହାରେ ପେଟ୍ରୋଲ ଏବଂ ଡିଜେଲ ଉପରେ ୨୧ ପ୍ରତିଶତ ଟିକସ ନେଉଥିବା ସମୟରେ ଏବେ ୨୬ ପ୍ରତିଶତ ଟିକସ ନେଉଛନ୍ତି । ପଡୋଶୀ ରାଜ୍ୟ ତ୍ରିପୁରା ୧୩.୫ ପ୍ରତିଶତ ଟିକସ ଆଦାୟ କରୁଛି । ରାଜ୍ୟ ସରକାର ଟିକସ ଆଦାୟ କରି ରାଜ୍ୟ ରାଜକୋଷ ବୃଦ୍ଧି କରିଚାଲିଛନ୍ତି । ସେହିପରି ୨୦୧୭ ମସିହାରେ କେନ୍ଦ୍ରସରକାର ଏକ୍ସାଇଜ ଡ୍ୟୁଟି ଉପରେ ୨ ଟଙ୍କା ଛାଡ କରିଥିଲେ । ଏହା ସତ୍ୱେ ରାଜ୍ୟସରକାର ରୋଜଗାର କମିଯିବା ସହ ୧ ଟଙ୍କା ୩୬ ପଇସା କ୍ଷତି ସହୁଛନ୍ତି ବୋଲି ରାଜ୍ୟ ଅର୍ଥ ମନ୍ତ୍ରୀ ସୂଚନା ଦେଇଥିଲେ । ଆଜିର ଦିନରେ ରାଜ୍ୟସରକାର ପେଟ୍ରୋଲ ଲିଟର ପିଛା ୧୫.୪୫ ଟଙ୍କା ଓ ଡିଜେଲ ଲିଟର ପିଛା ୧୫.୩୩ ଟଙ୍କା ନିଜସ୍ୱ ଟିକସ ଆଦାୟ କରୁଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

୨୦୧୪ ରୁ ୨୦୧୮ ଆର୍ଥିକ ବର୍ଷ ଭିତରେ ତୈଳ ଟିକସ ରାଜସ୍ୱରେ ୧୩୯.୮୩ ପ୍ରତିଶତ ବୃଦ୍ଧି ହୋଇଛି ଏବଂ ଏହି ପରିମାଣ ସମଗ୍ର ରାଜ୍ୟ ରାଜସ୍ୱର ମୋଟ ୧୨ ପ୍ରତିଶତ ଅଟେ । ଯାହାକି ପୂର୍ବ ବର୍ଷ ତୁଳନାରେ ୪ ପ୍ରତିଶତ ଅଧିକ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ବାସ୍ତବରେ ରାଜ୍ୟସରକାର ତେଲ ଉପରେ ଟିକସ କମାଇବା ପାଇଁ କୌଣସି ପ୍ରକାରରେ ଆଗ୍ରହ ଦେଖାଉ ନାହାଁନ୍ତି । ରାଜ୍ୟସରକାର ଯଦି ଲୋକଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥାନ୍ତି ତେବେ ତୁରନ୍ତ ତେଲ ଉପରେ ଭାଟ କମ୍ କରନ୍ତୁ ଏବଂ ତୈଳଜାତ ଦ୍ରବ୍ୟକୁ ଜିଏସଟି ପରିସରଭୁକ୍ତ କରିବା ପାଇଁ ଜିଏସଟି କାଉନସିଲରେ ନେତୃତ୍ୱ ନିଅନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**